# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 23 June – 2025

********************************

## ମୁଖ୍ୟ ସମ୍ବାଦ

- ଯୁବବର୍ଗ ହେଉଛନ୍ତି ସମାଜର ଶକ୍ତି, ସାମର୍ଥ୍ୟ ଓ ଭବିଷ୍ୟତ; ଯୁବଶକ୍ତି ସମାବେଶରେ କହିଲେ ମୁଖ୍ୟମନ୍ତ୍ରୀ
- ଶିଶୁମାନଙ୍କ ସୁରକ୍ଷା ଓ ବିକାଶ ପାଇଁ ଆମରି ଶିଶୁ ୱେବପୋର୍ଟାଲର ଶୁଭାରମ୍ଭ
- ରାଜ୍ୟରେ ଡାଇରିଆ ସ୍ଥିତି ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ; ଜନସାଧାରଣଙ୍କୁ ସତର୍କ ରହିବାକୁ ପରାମର୍ଶ

ଏବଂ

- ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସରେ ଦେଶବାସୀ ଦେବେ ଶ୍ରଦ୍ଧାଞ୍ଜଳି

*Ganjam*

# ମୁଖ୍ୟମନ୍ତ୍ରୀ ଯୁବଶକ୍ତି ସମାବେଶ

ଯୁବବର୍ଗ ହେଉଛନ୍ତି ସମାଜର ଶକ୍ତି, ସାମର୍ଥ୍ୟ ଓ ଭବିଷ୍ୟତ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଗଞ୍ଜାମ ଜିଲ୍ଲା ଆସିକାସ୍ଥିତ ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ଖେଳପଡିଆରେ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଆୟୋଜିତ ଯୁବଶକ୍ତି ସମାବେଶରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଯୁବବର୍ଗ' ଅସୀମିତ ଶକ୍ତିର ଭଣ୍ଡାର। ତେବେ ଗୁଣାତ୍ମକ ଶିକ୍ଷା ବିନା ଯୁବକଙ୍କ ବିକାଶ ହୋଇପାରିବ ନାହିଁ। ଏଥିପାଇଁ ଜାତୀୟ ଶିକ୍ଷାନୀତି ଲାଗୁ କରାଯାଇଛି। ଯୁବବର୍ଗଙ୍କୁ ନିଯୁକ୍ତି ଯୋଗ୍ୟ କରିବା ପାଇଁ ରାଜ୍ୟର ୫୮ଟି କଲେଜରେ ଶିଳ୍ପ କ୍ଷେତ୍ରରେ ବ୍ୟବହାରିକ ତାଲିମ ବ୍ୟବସ୍ଥା କରାଯାଇଛି। ଆଗକୁ ଅଧିକ କଲେଜରେ ଏହି ତାଲିମ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଶ୍ରୀ ମାଝୀ କହିଛନ୍ତି, ପଞ୍ଚାୟତରୁ ସହର ପର୍ଯ୍ୟନ୍ତ ବିଭିନ୍ନ ସ୍ତରରେ କ୍ରୀଡ଼ାର ବିକାଶ ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ଆଗାମୀ ଦିନରେ ଭୁବନେଶ୍ୱର ବ୍ୟତୀତ ସମ୍ବଲପୁର, ବ୍ରହ୍ମପୁର, ଢେଙ୍କାନାଳ, ଭଦ୍ରକ ଓ କୋରାପୁଟରେ କ୍ରୀଡ଼ାର ହବ୍ ହେବ। ଦୁଃସାହସିକ କ୍ରୀଡ଼ାକୁ ମଧ୍ୟ ପ୍ରୋତ୍ସାହନ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O -**

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜଳସମ୍ପଦ, ସେତୁ, ରାସ୍ତା ନିର୍ମାଣ ଆଦି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇଥିଲେ।

***HS***

## ଆମରି ଶିଶୁ ୱେବପୋର୍ଟାଲ

ଶିଶୁମାନଙ୍କ ଯତ୍ନ, ସୁରକ୍ଷା ଓ ବିକାଶ ପାଇଁ ରାଜ୍ୟ ମହିଳା ଓ ଶିଶୁକଲ୍ୟାଣ ବିଭାଗ ପକ୍ଷରୁ 'ଆମରି ଶିଶୁ' ୱେବ୍ ପୋର୍ଟାଲ ଆଜି ଉନ୍ମୋଚିତ ହୋଇଛି। ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁକଲ୍ୟାଣ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା' ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ କେନ୍ଦ୍ରରେ ଏହାକୁ ଉନ୍ମୋଚନ କରିଛନ୍ତି। ଏହି ପୋର୍ଟାଲରେ ଶିଶୁର ଜନ୍ମଠାରୁ ଆରମ୍ଭ କରି ପୋଷଣର ସମସ୍ତ ତଥ୍ୟ ରେକର୍ଡ ରହିବ। ଫଳରେ ପ୍ରତି ବ୍ଲକରେ କେତେ ଶିଶୁ ଅପପୁଷ୍ଟିର ଶିକାର ହୋଇଛନ୍ତି ତାହା ଜଣାପଡ଼ିବ। ଏହାକୁ ଆଧାର କରି ସମସ୍ୟାର ସମାଧାନ ହୋଇପାରିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି। ପ୍ରତି ତିନି ମାସରେ ଗୋଟିଏ ବ୍ଲକକୁ ପୋଷଣମୁକ୍ତ କରିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏହି କାର୍ଯ୍ୟ ପାଇଁ ଅଙ୍ଗନବାଡ଼ି ମହିଳାମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି।

*Sambalpur*

## ମୋବାଇଲ୍ ଆପ୍ ଉନ୍ମୋଚନ

ରାଜ୍ୟବାସୀଙ୍କୁ ସହଜରେ ରାଜସ୍ୱ ସେବା ଉପଲବ୍ଧ କରାଇବା ପାଇଁ ସରକାର ଖୁବ୍‌ଶୀଘ୍ର ମୋବାଇଲ ଆପ୍‌ର ଶୁଭାରମ୍ଭ କରିବେ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଏହି ଆପ୍ ମାଧ୍ୟମରେ ଜାତି ପ୍ରମାଣପତ୍ର, ଖଜଣା ପଇଠ ସମେତ ବିଭିନ୍ନ ସୁବିଧା ମିଳିପାରିବ। ସମ୍ବଲପୁର ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ ପରିଦର୍ଶନ କରିବା ଅବସରରେ ମନ୍ତ୍ରୀ ଶ୍ରୀ ପୂଜାରୀ, ଆଗାମୀ ଦିନରେ ବିଦ୍ୟାଳୟର ସାମଗ୍ରୀକ ବିକାଶ ପାଇଁ ଯୋଜନା କରାଯିବ  ବୋଲି କହିଛନ୍ତି।

*HS*

## ସାଇନ୍ସ ସିଟି

ରାଜ୍ୟରେ ବାୟୋଟେକ୍ନୋଲୋଜିର ବିକାଶ ପାଇଁ ୧ ହଜାର ୧୧୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ବୋଲି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି। ପାଞ୍ଚ ବର୍ଷ ମଧ୍ୟରେ ଏହି ଅର୍ଥରାଶି ଖର୍ଚ୍ଚ କରାଯିବ। ରାଜ୍ୟରେ ଥିବା ୪୮୦ କିଲୋମିଟର ଦୀର୍ଘ ସମୁଦ୍ରକୂଳ ଏବଂ ଚିଲିକା ହ୍ରଦରେ ଏହି ବିକାଶ କାର୍ଯ୍ୟ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଏଥିସହ ଭୁବନେଶ୍ୱରରେ ନିର୍ମାଣ ହେବାକୁ ଥିବା ସାଇନ୍ସ ସିଟି ପାଇଁ ୧୦୦ ଏକର ଜାଗା ମଞ୍ଜୁର କରାଯାଇଛି। ସାଇନ୍ସ ସିଟି ଦ୍ୱାରା ଛାତ୍ରଛାତ୍ରୀ ଓ ଜନସାଧାରଣ ବିଜ୍ଞାନ ସମ୍ପର୍କରେ ନୂଆ ନୂଆ ତଥ୍ୟ ଜାଣିପାରିବେ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

*HS*

## ସ୍ୱାସ୍ଥ୍ୟମନ୍ତ୍ରୀ– ଡାଇରିଆ

ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ରାଜ୍ୟରେ ଡାଇରିଆ ସ୍ଥିତି ସମୀକ୍ଷା କରିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ଡାଇରିଆ ସଂକ୍ରମଣ ବର୍ତ୍ତମାନ ନିୟନ୍ତ୍ରଣାଧୀନ ରହିଛି। ନୂତନ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଲୋକମାନେ ସତର୍କ ରହିବା ସହ ସଚେତନ ହେବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଆଗାମୀ ରଥଯାତ୍ରାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚାରୋଟି ବିଭାଗକୁ ନେଇ ସମୀକ୍ଷା କରିଥିଲେ। ପୁରୀ ରଥଯାତ୍ରା ସମୟରେ ଡାଇରିଆ ଯେପରି ନ ବ୍ୟାପେ ସେଥିପାଇଁ ୩୮୭ ଜଣ ଡାକ୍ତର ଓ ପାରାମେଡିକାଲ ଷ୍ଟାଫଙ୍କୁ ନିଯୁକ୍ତି ଦିଆଯାଇଛି। ଏଥିସହ ଫାଷ୍ଟ ଏଡ୍, ଆମ୍ବୁଲାନ୍ସ ଏବଂ ଲୋକମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ବିଶୁଦ୍ଧ ଜଳ ଯୋଗାଇ ଦେବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି ବୋଲି ଡକ୍ଟର ମହାଲିଙ୍ଗ କହିଛନ୍ତି।

*Desk*

## ଶ୍ୟାମାପ୍ରସାଦ ବଳିଦାନ ଦିବସ

ଦେଶରେ ଆଜି ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୭୨ତମ ଶ୍ରାଦ୍ଧବାର୍ଷିକୀରେ ବଳିଦାନ ଦିବସ ପାଳନ କରାଯାଉଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ’ ଡକ୍ଟର ମୁଖାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି

ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି, ଶ୍ୟାମାପ୍ରସାଦ ମୁଖାର୍ଜୀ ଦେଶର ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଅତୁଳନୀୟ ସାହସ ଓ ପ୍ରୟାସ ପ୍ରଦର୍ଶନ କରିଥିଲେ। ରାଷ୍ଟ୍ର ନିର୍ମାଣରେ ତାଙ୍କର ଅମୂଲ୍ୟ ଅବଦାନକୁ ସର୍ବଦା ସ୍ମରଣ କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ’ ଡକ୍ଟର ମୁଖାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଡକ୍ଟର ମୁଖାର୍ଜୀ’ ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତାର ପ୍ରତୀକ, ମହାନ୍ ଶିକ୍ଷାବିତ୍, ପ୍ରମୁଖ ରାଷ୍ଟ୍ରବାଦୀ ତଥା ଜନସଂଘର ସଂସ୍ଥାପକ ଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଡକ୍ଟର ମୁଖାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଦେଶପ୍ରତି ତାଙ୍କର ବଳିଦାନ ଚିରସ୍ମରଣୀୟ ହୋଇ ରହିବ ବୋଲି ଉଲ୍ଲେଖ କରିଛନ୍ତି।

ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଜୟଦେବ ଭବନରେ ଆଜି ସନ୍ଧ୍ୟାରେ ଏକ ସାଧାରଣ ସଭା ଅନୁଷ୍ଠିତ ହେବ । ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

***Desk***

# ୧୧ ବର୍ଷ-ସୁଶାସନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସେବା, ସୁଶାସନ ଏବଂ ଗରିବ କଲ୍ୟାଣ ନୀତିଦ୍ୱାରା ପରିଚାଳିତ ଭାରତରେ ଗତ ଦଶନ୍ଧି ମଧ୍ୟରେ ଉଲ୍ଲେଖନୀୟ ପରିବର୍ତ୍ତନ ହୋଇଛି । ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ଏବଂ ପ୍ରତିବଦ୍ଧତା ଦେଶକୁ ବିଶ୍ୱ ଦରବାରରେ ଏକ ସଶକ୍ତ ରାଷ୍ଟ୍ରଭାବେ ପ୍ରତିପାଦିତ କରିଛି । ସରକାର ଅନ୍ତର୍ଭୁକ୍ତୀମୂଳକ ଅଭିବୃଦ୍ଧି ଉପରେ ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ସହ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ପାଇଁ ବିଶେଷ ଧ୍ୟାନ ଦେଇ ଆସୁଛନ୍ତି। ଏ ସମ୍ପର୍କରେ ଆକାଶବାଣୀ ସମ୍ବାଦ ବିଭାଗର ସ୍ୱତନ୍ତ୍ର ରିପୋର୍ଟ :

*ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଶିକ୍ଷା, ଆର୍ଥିକ ସଶକ୍ତୀକରଣ ଏବଂ ଭିତ୍ତିଭୂମି ବିକାଶ ଉପରେ ଦେଶ ଧ୍ୟାନ କେନ୍ଦ୍ରୀତ କରି ଦେଶ ଆଗେଇ ଚାଲିଛି। ବିଗତ ଦଶନ୍ଧିରେ ଦେଶର ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରଧାନମନ୍ତ୍ରୀ ଜନବିକାଶ କାର୍ଯ୍ୟକ୍ରମ ଅଧୀନରେ କେନ୍ଦ୍ର ସରକାର ୧୮ ହଜାର ୪୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଜାତୀୟ ସଂଖ୍ୟାଲଘୁ ବିକାଶ ଏବଂ ଆର୍ଥିକ ନିଗମ ମାଧ୍ୟମରେ ୧ ଲକ୍ଷ ୭୪ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ୭୫୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବଣ୍ଟନ ଏବଂ ପଛୁଆବର୍ଗଙ୍କୁ ରିହାତି ମୂଲ୍ୟରେ ଋଣ ପ୍ରଦାନ କରାଯାଉଛି। ସାଂସ୍କୃତିକ ଏବଂ ସମ୍ପ୍ରଦାୟ ନିର୍ଦ୍ଦିଷ୍ଟ ପଦକ୍ଷେପ ଦ୍ୱାରା ଅନେକ ପରିବର୍ତ୍ତନ*

*ସମ୍ଭବ ହୋଇପାରିଛି । ‘ହଜ୍ ସୁବିଧା’ ଆପ୍ ଏବଂ ହଜ୍ ସ୍ୱେଚ୍ଛାସେବୀମାନଙ୍କ ପାଇଁ ଉତ୍ସର୍ଗୀକୃତ ତାଲିମ କାର୍ଯ୍ୟକ୍ରମ ତୀର୍ଥଯାତ୍ରୀଙ୍କୁ ଏକ ନିଆରା ଅଭିଜ୍ଞତା ପ୍ରଦାନ କରୁଛି । ସ୍ୱଚ୍ଛତା ଏବଂ ଶାସନକୁ ସୁଦୃଢ଼ କରିବା ପାଇଁ ସରକାର ଐତିହାସିକ ୱାକ୍ ଅଫ୍ ସଂଶୋଧନ ଆଇନ୍-୨୦୨୫ର ପ୍ରଣୟନ କରିଛନ୍ତି । ଏହା ସହ ‘ଉମିଦ୍’ ପୋର୍ଟାଲ ଆରମ୍ଭ କରି ୱାକ୍ ଅଫ୍ ସମ୍ପତ୍ତି ପାଇଁ ଡିଜିଟାଲ ପରିଚାଳନାର ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି । ବୌଦ୍ଧିକ ବିକାଶ ଯୋଜନା, ଜିଓ ପାର୍ସି ଏବଂ ଅନ୍ୟାନ୍ୟ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରାଯାଇ ସଂସ୍କୃତିର ସଂରକ୍ଷଣ, ଶିକ୍ଷାକୁ ପ୍ରୋତ୍ସାହନ ଓ ସମ୍ପ୍ରଦାୟର କଲ୍ୟାଣ ସାଧିତ ହେଉଛି । ସମର୍ପିତ ଯୋଜନା, ଛାତ୍ରବୃତ୍ତି ସହାୟତା, ଡିଜିଟାଲ ସଂସ୍କାର ଏବଂ ଐତିହ୍ୟ ସଂରକ୍ଷଣ ମାଧ୍ୟମରେ ସରକାର ଅର୍ଥପୂର୍ଣ୍ଣ ସଶକ୍ତୀକରଣ ଏବଂ ସ୍ଥାୟୀ ଅନ୍ତର୍ଭୁକ୍ତୀକୁ ପ୍ରୋତ୍ସାହିତ କରିଆସୁଅଛନ୍ତି । ବର୍ତ୍ତମାନ ସମୟରେ ଅନ୍ତର୍ଭୁକ୍ତୀ କେବଳ ଏକ ନୀତି ନୁହେଁ, ପ୍ରତିଶ୍ରୁତିରେ ପରିଣତ ହୋଇଛି ।*

*ଆକାଶବାଣୀ କଟକ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣୀଆ*

***BHK***

## ଅଭିଯୋଗ ଶୁଣାଣି ଶିବିର

ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦିଲ୍ଲୀପ

ରାଉତରାୟ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତଙ୍କ ଅଧ୍ୟକ୍ଷତାରେ ୭୬ଟି ଅଭିଯୋଗର ଶୁଣାଣି କରାଯାଇ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

***Puri/R***

## ଘଣାଲାଗି

ଅନବସରର ତ୍ରୟୋଦଶୀ ତିଥିରେ ଆଜି ଶ୍ରୀମନ୍ଦିରରେ ଶ୍ରୀଜିଉମାନଙ୍କର ଘଣାଲାଗି ନୀତି ଅନୁଷ୍ଠିତ ହେବ । ଏହି ନୀତିପାଇଁ ସୁନାକୂଅରୁ ୩ ଗରା ଜଳ ଶୁଦ୍ଧ ସୁଆରଙ୍କ ଘରେ ବିଜେ ହେବା ପରେ ଦିବ୍ୟ ପ୍ରଲେପ ଖଳିକୁ ପ୍ରସ୍ତୁତ କରାଯାଇଛି । ମହାପ୍ରଭୁଙ୍କ ଘଣାଲାଗି ପରେ ଏହି ଖଳିକୁ ଘଣ୍ଟଘଣ୍ଟା ଓ ପଟୁଆରରେ ସୂର୍ଯ୍ୟାସ୍ତ ପୂର୍ବରୁ ଶ୍ରୀମନ୍ଦିରକୁ ବିଜେ କରାଯିବ ।

***HS***

## ସୁବର୍ଣ୍ଣରେଖା ଜଳସ୍ତର

ରାଜ୍ୟରେ ବର୍ତ୍ତମାନ ବନ୍ୟାର କୌଣସି ଆଶଙ୍କା ନାହିଁ ବୋଲି ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ି ସୂଚନା ଦେଇଛନ୍ତି । ସୁବର୍ଣ୍ଣରେଖା ନଦୀରେ ଜଳସ୍ତର ବିପଦ ସଂକେତ ତଳେ ପ୍ରବାହିତ ହେଉଛି । ସକାଳ ୯ଟା ସୁଦ୍ଧା ସୁବର୍ଣ୍ଣରେଖା ନଦୀର ଜଳସ୍ତର ୮ ଦଶମିକ ୬/୮ ମିଟର ରେକର୍ଡ କରାଯାଇଛି ।

*Desk*

# ପାଣିପାଗ

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ରାଜ୍ୟରେ ସକ୍ରିୟ ଥିବାରୁ ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗି ରହିଛି । ସେହିଭଳି ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆସନ୍ତା ୬ ଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରାୟ ସମସ୍ତ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭବନା ରହିଛି । ଏହିସବୁ ଜିଲ୍ଲାଗୁଡ଼ିକ ପାଇଁ ସତର୍କ ସୂଚନା ଜାରି କରାଯାଇଛି ।